# ODM PUBLIC SCHOOL

DATE :
SESSION :6
CLASS : v
SUBJECT : (ଓଡିଆ)
CHAPTER NUMBER:
CHAPTER NAME : ଶୁଖିଲା ପତ୍ରର କଥା
SUBTOPIC :ପଠନକ୍ରିୟା,ଲେଖକ ପରିଚୟ

# LEARNING OBJECTIVE

ସ୍ପଷ୍ଟ ଓ ନିର୍ଭୁଲ ପଠନକ୍ରିୟା ।

Edit with WPS Office

# ଶୁଖିଲା ପତ୍ରର କଥା

ନନ୍ଦକିଶୋର ସିଂହ

ପୂର୍ବକାଳରେ ଶିଷ୍ୟମାନେ ଗୁରୁଙ୍କ ଆଶ୍ରମରେ ରହି ବେଦଉପନିଷଦଆଦି ନାନାବିଧ ଶାସ୍ତ୍ର ଅଧ୍ୟୟନ କରୁଥିଲେ । ଶାସ୍ତ୍ର ଅଧ୍ୟୟନ ସହିତ ଆଶ୍ରମରେ ହୋମ ପାଇଁ ସମିଧ ସଂଗ୍ରହ କରିବା, ଆଶ୍ରମର ଗାଈଗୋରୁଙ୍କୁ ନେଇ ନିକଟବର୍ତ୍ତୀ ଜଙ୍ଗଲରେ ଚରାଇବା, ଆଶ୍ରମବାସୀଙ୍କ ନିମନ୍ତେ ଫଳମୂଳ ସଂଗ୍ରହ କରିବା ଇତ୍ୟାଦି କାର୍ଯ୍ୟ ମଧ୍ୟ କରୁଥିଲେ । ଏହାକୁ ଗୁରୁକୁଳ ଶିକ୍ଷା କୁହାଯାଉଥିଲା । ଶିକ୍ଷା ସମାପନ ପରେ ଶିଷ୍ୟମାନେ ଗୁରୁଙ୍କୁ ଦକ୍ଷିଣା ଦେଉଥିଲେ ।

ସେହିପରି ଏକ ଗୁରୁକୁଳରେ ଶିକ୍ଷା ଲାଭ କରୁଥିଲେ ଦୁଇଜଣ ଶିଷ୍ୟ । ଜଣକର ନାମ ଶିଶିର ଓ ଅନ୍ୟ ଜଣଙ୍କ ନାମ ତୁଷାର । ଯଥାସମୟରେ ସେମାନଙ୍କର ଗୁରୁକୁଳ ଶିକ୍ଷା ଶେଷ ହେଲା । ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଶିଶିର ଓ ତୁଷାର ଗୁରୁଙ୍କୁ ସାକ୍ଷାତ୍ କଲେ । ଗୁରୁଦକ୍ଷିଣା ଦେବା ପାଇଁ ନିଜ ନିଜର ଅଭିଳାଷ ଜଣାଇଲେ । ଶିଷ୍ୟ ଦୁହିଁଙ୍କର ନିଷ୍ଠାରେ ଗୁରୁ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ସେମାନଙ୍କ ପାଖରୁ କୌଣସି ଦକ୍ଷିଣା ଗ୍ରହଣ କରିବା ପାଇଁ



Edit with WPS Office

ଗୁରୁ ଅନିଚ୍ଛା ପ୍ରକାଶ କଲେ । ଏଥିରେ ଶିଷ୍ୟ ଦୁହିଁଙ୍କର ମନ ବୁଝିଲା ନାହିଁ । ଗୁରୁଦକ୍ଷିଣା ନ ଦେଇ ଗୁରୁକୁଳରୁ ବିଦାୟ ନେବେ କିପରି ? ତେଣୁ କିଛି ହେଲେ ଦକ୍ଷିଣା ଗ୍ରହଣ କରିବା ପାଇଁ ସେମାନେ ଗୁରୁଙ୍କୁ ଅନୁରୋଧ କଲେ । ଶିଷ୍ୟ ଦୁହିଁଙ୍କ କଥାକୁ ଗୁରୁ ଏଡ଼ାଇ ପାରିଲେ ନାହିଁ । କିଛି ସମୟ ଚିନ୍ତା କରି କହିଲେ, "ଠିକ୍ ଅଛି, ତୁମେ ଦୁହେଁ ଯଦି ମୋତେ ଦକ୍ଷିଣା ଦେବା ନିମିତ୍ତ ଏତେ ଆଗ୍ରହୀ, ତେବେ କେତୋଟି ଶୁଖିଲା ପତ୍ର ଦକ୍ଷିଣାସ୍ୱରୂପ ଆଣି ମୋତେ ଦିଅ । କିନ୍ତୁ ମନେରଖ, ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁ ନଥିବ ।"

ଗୁରୁଙ୍କ ମୁହଁରୁ ଏକଥା ଶୁଣି ତୁଷାର ଓ ଶିଶିର ବିସ୍ମିତ ହେଲେ । ସେମାନେ ଭାବିଲେ, ଗୁରୁ ଟଙ୍କା ସୁନା ନ ମାଗି ସାମାନ୍ୟ ଶୁଖିଲା ପତ୍ର କେତୋଟି ଦକ୍ଷିଣା ଭାବରେ ମାଗିବାର ତାତ୍ପର୍ଯ୍ୟ କ'ଣ ହୋଇପାରେ ! ଗୁରୁଙ୍କ ଆଜ୍ଞା ପାଳନ କରିବା ତ ତାଙ୍କର ପରମ କର୍ତ୍ତବ୍ୟ । ତେଣୁ ବିଳମ୍ବ ନ କରି ଦୁହେଁ ଅଦରକାରୀ ଶୁଖିଲା ପତ୍ର ସନ୍ଧାନରେ ବାହାରିଲେ । କିଛି ବାଟ ଅତିକ୍ରମ କରିବା ପରେ ସେମାନେ ଗୋଟାଏ ବିରାଟ ଆମ୍ବତୋଟାରେ ପହଞ୍ଚିଲେ । ଦେଖିଲେ ଶୁଖିଲା ପତ୍ର ସବୁ ଗଦାଗଦା ହୋଇ ରଖାଯାଇଛି । ତୁଷାର ଓ ଶିଶିର ସେହି ପତ୍ର ଗଦାରୁ କିଛି ଆଣିବାକୁ ଯିବାରୁ ଅଳ୍ପ ଦୂରରେ ଥିବା ବୁଢ଼ୀଟିଏ ଧଇଁସଇଁ ହୋଇ ଆସି ସେଠାରେ ପହଞ୍ଚିଗଲା । କହିଲା, "ପୁଅ, ମୁଁ ବହୁକଷ୍ଟରେ ଖରକାଖରକି କରି ଏହି ପତ୍ରଗୁଡ଼ିକୁ ଠୁଳ କରିଛି । ଏଗୁଡ଼ିକୁ ନେଇ ଜାଳ କରିବି । ଖୁଦମୁଠେ ଜାଉ କରି ଖାଇବି । ତୁମେ ଏ ଗଦାରୁ ପତ୍ର ନିଅନା । ବୁଢ଼ୀ ମଣିଷ ମୁଁ, ଆଉ ଦୂରକୁ ଯାଇ ପତ୍ର ସାଉଁଟି ଠୁଳ କରିପାରିବି ନାହିଁ ।"

ବୁଢ଼ୀଠାରୁ ଏକଥା ଶୁଣି ଦୁଇ ଶିଷ୍ୟ ସେଠାରୁ ବାହାରି ଅନ୍ୟତ୍ର ଚାଲିଲେ । କିଛି ଦୂର ଯାଇ ଦେଖିଲେ ଜଣେ ଲୋକ ଶୁଖିଲା ପତ୍ର ଏକାଠି କରୁଛି । ଶିଷ୍ୟ ଦୁହେଁ ତାକୁ ପଚାରିଲେ, "ଭାଇ, ଏ ପତ୍ର ତୁମର କି ଦରକାରରେ ଆସିବ ?" ଲୋକଟି କହିଲା, "ଏ ପତ୍ରକୁ ଜାଳି ପାଉଁଶ କରିଦେଲେ ଏହା ଭଲ ସାରରେ ପରିଣତ ହେବ । ସେହି ସାରକୁ କ୍ଷେତରେ ପକାଇଲେ ଭଲ ଫସଲ ଫଳିବ । ସେଇଥିପାଇଁ ତ ମୁଁ ଏ ପତ୍ରତକ ନେଉଛି ।"

ଲୋକଟି ମୁହଁରୁ ଏ କଥା ଶୁଣି ଦୁଇ ଶିଷ୍ୟ ପୁଣି ଆଗକୁ ଚାଲିଲେ । କିଛି ବାଟ ଯିବା ପରେ ଦେଖିଲେ ବୁଢ଼ାଟିଏ ଶୁଖିଲା ପତ୍ର ସାଉଁଟୁଛି । ବୁଢ଼ାକୁ ଦୁହେଁ ପଚାରିଲେ, "ମଉସା, ଏ ପତ୍ର ନେଇ ତୁମେ କ'ଣ କରିବ ?" ବୁଢ଼ାଟି କହିଲା, "ବାପା, ତୁମେ ଏ ପତ୍ରର ଗୁଣ ବୋଧହୁଏ ଜାଣନା । ଏହାକୁ ଗୁଣ୍ଡକରି ପାଣିରେ ଫୁଟାଇ ଛାଣି କରି ସେହି ଫୁଟାପାଣି ପିଇଲେ ସବୁପ୍ରକାର ଜର ଭଲ ହୋଇଯିବ । ଏହି ପତ୍ର ହେଉଛି ପୁରୁଣା ଜରର ଅବ୍ୟର୍ଥ ଔଷଧ ।"

ବୁଢ଼ା ପାଖରୁ ଏ କଥା ଶୁଣି ଶିଷ୍ୟ ଦୁହେଁ ସେଠାରୁ ମଧ୍ୟ ହତାଶ ହୋଇ ଫେରିଲେ । କାରଣ ଗୁରୁ ତ କହିଛନ୍ତି ଯେଉଁ ପତ୍ର କାହାର ଦରକାରରେ ଲାଗୁ ନ ଥିବ କେବଳ ସେହି ପତ୍ର ଆଣିବ । ସେମାନେ ଆଉ କିଛି ବାଟ ଆଗକୁ ଗଲେ, ଦେଖିଲେ ଝିଅଟିଏ ଶୁଖିଲା ପତ୍ର ଏକାଠି କରି ନେଇ ଯାଉଛି । ପତ୍ରତକ ତା'ର କି କାମରେ ଲାଗିବ ବୋଲି ପଚାରିବାରୁ ଝିଅଟି କହିଲା, "ଏହାକୁ ଘରକୁ ନେଇ ଏଥିରେ ଖଲି ଆଉ ଠୋଲା ତିଆରି କରିବି ତାହାକୁ ବିକି କରି ମୋର ରୋଗିଣା ମା ପାଇଁ ଔଷଧ ଆଣିବି ।"



ଝିଅଟିର କଥା ଶୁଣିବା ପରେ ଶିଶିର ଓ ତୁଷାର ସେଠାରୁ ଶୁଖିଲା ପତ୍ର ନ ନେଇ ଆଗକୁ ଚାଲିଲେ । ଜଙ୍ଗଲ ଭିତରେ ଗୋଟିଏ ଉଚ୍ଚା ଗଛ ମୂଳରେ କିଛି ଶୁଖିଲା ପତ୍ର ପଡ଼ିଥିବାର ସେମାନେ ଦେଖିଲେ । ସେଠାରୁ ପତ୍ର ନିଆଯାଇପାରେ ବୋଲି ଭାବିଲା ବେଳକୁ ଦେଖିଲେ ଚଢ଼େଇଟିଏ ପତ୍ର ପାଖକୁ ଉଡ଼ି ଆସିଲା । ଶୁଖିଲା ପତ୍ରଟିଏ ଥଣ୍ଟରେ ଧରି ପାଖରେ ଥିବା ଗଛ ଉପରକୁ ଉଡ଼ିଗଲା । ଶିଷ୍ୟ ଦୁହେଁ ନିରୀକ୍ଷଣ କରି ଦେଖିଲେ ଚଢ଼େଇଟି ସେଠାରେ ନିଜର ବସା ତିଆରି କରୁଥିଲା । ପତ୍ରଟିକୁ ନେଇ ସେ ତା'ର ବସା ବାନ୍ଧିବା କାମରେ ଲଗାଇଦେଲା । ତୁଷାର ଓ ଶିଶିର ଭାବିଲେ, ଏ ସ୍ଥାନରୁ ମଧ୍ୟ ପତ୍ର ନେଇ ହେବନାହିଁ ।

ତଥାପି ସେ ଦୁହେଁ ହତାଶ ନହୋଇ ଚାଲିଥା'ନ୍ତି । ଆଗକୁ ଯାଉ ଯାଉ ଦେଖିଲେ ଗୋଟାଏ ପାଣିନାଳ । ସେହି ନାଳରେ କେତେଗୁଡ଼ିଏ ଶୁଖିଲା ପତ୍ର ଭାସୁଛି । ସେହି ପତ୍ରକୁ ଆଶ୍ରା କରି ପିମ୍ପୁଡ଼ିମାନେ ମୁହଁରେ ଖାଦ୍ୟକଣିକା ଧରି ଏପାରିରୁ ସେପାରିକୁ ଖୁସିରେ ଚାଲିଯାଉଛନ୍ତି ।

ଏ ସବୁ ଘଟଣା ଦେଖି ତୁଷାର ଓ ଶିଶିର ଆଉ ଆଗକୁ ଯିବାକୁ ମନ ବଳାଇଲେ ନାହିଁ । କାରଣ ସେମାନେ ଦେଖିଲେ ଏହି ଶୁଖିଲାପତ୍ର ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ, କୀଟପତଙ୍ଗ ସମସ୍ତଙ୍କର ଦରକାରରେ ଲାଗୁଛି । ତେଣୁ ସେ ଦୁହେଁ ଶୂନ୍ୟ ହସ୍ତରେ ଗୁରୁଙ୍କ ପାଖକୁ ଫେରିଯାଇ କହିଲେ, "ଗୁରୁଦେବ, ଆପଣଙ୍କ କହିବା ଅନୁସାରେ

Edit with WPS Office

# ଲେଖକ ପରିଚୟ

ଓଡିଆ ଭାଷା ସାହିତ୍ୟ ଜଗତରେ ଶ୍ରୀ ନନ୍ଦକିଶୋର ସିଂହ ଜଣେ ଶିଶୁସାହିତ୍ୟିକ ଭାବରେ ବେଶ ପରିଚିତ । ସେ ୧୯୪୨ ମସିହା ମେ ମାସ ୧୫ ତାରିଖରେ ଜନ୍ମ ହୋଇଥିଲେ । ସମାଜର ବାସ୍ତବ ଚିତ୍ର ତାଙ୍କ ସାହିତ୍ୟରେ ପ୍ରତିଫଳିତ ହୋଇଥାଏ । ପାଠକର ହୃଦୟ ଓ ମନକୁ ଛୁଇଁଲା ଭଳି ବିଷୟ ନିର୍ଦ୍ଧାରଣ କରିବା,ତାଙ୍କ ରଚନା ର ସ୍ୱତନ୍ତ୍ରତା । ତାଙ୍କ ରଚନା ମାନଙ୍କ ମଧ୍ୟରେ,ମାନସୀର ଗବେଷଣାଗାର,ଅରଣ୍ୟରଆହ୍ୱାନ,ରଙ୍ଗବେରଙ୍ଗ,ଘରଛଡାର କାହାଣୀ , ଗୁରୁଦକ୍ଷିଣା, ମଜାକାହାଣୀ ,ଆମ ଗାଁ ହାଟ,ଗୁରୁଦକ୍ଷିଣା ଆଦି ପ୍ରଧାନ ।ତାଙ୍କର ଏହି ସବୁ ସାହିତ୍ୟ ସୃଷ୍ଟି ଓଡିଆ ସାହିତ୍ୟର ବାଣୀଭଣ୍ଡାରକୁ କରିଛି ବଳିଷ୍ଠ ଓ ସମୃଦ୍ଧ ।

Edit with WPS Office

# ଗୃହକର୍ମ

ବିଷୟଟିକୁ ଭଲଭାବରେ ଘରେ ପଢ ।

Edit with WPS Office

# LEARNING OUTCOME:

ପଠନଶୈଳୀ ବିଷୟରେ ଅବଗତ ହେବା ।

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office